# NATIONAL NEWS BULLETIN (ODIA)

**28 January - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପୂର୍ବଭାରତ ହେଉଛି ଦେଶ ବିକାଶର ଇଞ୍ଜିନ ଓ ଏ କ୍ଷେତ୍ରରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିଛି, କହିଲେ ପ୍ରଧାନମନ୍ତ୍ରୀ

- ଡେରାଡୁନ୍‌ର ମହାରାଣା ପ୍ରତାପ ଷ୍ଟାଡିୟମରେ ଆଜି ଉଦ୍‌ଘାଟନ ହେବ ୩୮ ତମ ଜାତୀୟ କ୍ରୀଡ଼ା

- ଉତ୍ତରପ୍ରଦେଶ ବାଗପତ୍‌ରେ ଲଡ୍ଡୁ ମହୋତ୍ସବରେ ଅସ୍ଥାୟୀ ମଞ୍ଚ ଭୁଶୁଡ଼ି ୫ ମୃତ, ୪୦ରୁ ଅଧିକ ଆହତ

- ମହାକୁମ୍ଭରେ ଆସନ୍ତାକାଲି ମୌନୀ ଅମାବାସ୍ୟା ଦୃଷ୍ଟିରୁ ସୁଦୃଢ଼ କରାଗଲା ସ୍ୱାସ୍ଥ୍ୟସେବା

ଏବଂ

- ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍‌ରେ ଭାରତ ଓ ସ୍କଟ୍‌ଲ୍ୟାଣ୍ଡ ମଧ୍ୟରେ ମ୍ୟାଚ୍ ଜାରି ।

---

## ପିଏମ୍-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭୁବନେଶ୍ୱରଠାରେ ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି । ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜନ କରାଯାଉଛି ।

ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ମୋଦୀ କହିଛନ୍ତି, ପୂର୍ବ ଭାରତ ହେଉଛି ଦେଶ ବିକାଶର ଇଞ୍ଜିନ୍ ଏବଂ ଏ କ୍ଷେତ୍ରରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିଛି :

**(PM BBSR)**

**V/O**

ଶ୍ରୀ ମୋଦୀ କହିଛନ୍ତି, କେବଳ କଞ୍ଚାମାଲ୍ ରପ୍ତାନୀ ଦ୍ୱାରା ଦ୍ରୁତ ବିକାଶ ସମ୍ଭବ ନୁହେଁ । ତେଣୁ ସଂପୂର୍ଣ୍ଣ ଶିଳ୍ପ ଇକୋ ସିଷ୍ଟମ୍ ପରିବର୍ତ୍ତନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ସେ କହିଛନ୍ତି, ଗବେଷଣା ଏବଂ ନୂତନତ୍ୱ କ୍ଷେତ୍ରରେ ଏକ ଦୃଢ଼ ଇକୋସିଷ୍ଟମ୍ ଗ୍ରହଣ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ସେ ଶିଳ୍ପ ଜଗତକୁ ଏ କ୍ଷେତ୍ରରେ ସହଯୋଗ କରିବା ଲାଗି ଆହ୍ୱାନ ଦେଇଛନ୍ତି :

**(PM ON ODISHA)**

**V/O**

ଏହି ସମ୍ମିଳନୀରେ ୨୦ଟି ଦେଶରୁ ୭ ହଜାର ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧିମାନେ ଯୋଗଦେଇଛନ୍ତି । ସମ୍ମିଳନୀରେ ୧୦୦ରୁ ଅଧିକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । ଏହି ସମ୍ମିଳନୀ ଦ୍ୱାରା ରାଜ୍ୟରେ ପ୍ରାୟ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଲକ୍ଷ୍ୟ ରଖାଯାଇଛି । ଏହା ଦ୍ୱାରା ଆଗାମୀ ଦିନରେ ୩ ଲକ୍ଷ ୫୦ ହଜାରରୁ ଅଧିକ ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି ।

ଏହି ସମ୍ମିଳନୀରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀଗଣ ଉପସ୍ଥିତ ଥିଲେ ।

## ପିଏମ୍-ନ୍ୟାସନାଲ୍ ଗେମ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରାଖଣ୍ଡ ଡେରାଡୁନ୍‌ର ମହାରାଣା ପ୍ରତାପ ଷ୍ଟାଡିୟମ୍‌ରେ ୩୧ତମ ଜାତୀୟ କ୍ରୀଡ଼ାକୁ ଉଦ୍‌ଘାଟନ କରିବେ । ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ର ମନ୍ତ୍ରୀ ଭାରତୀୟ ଅଲିମ୍ପିକ୍ ସଂଘ ଏବଂ ଜାତୀୟ ସ୍ତରୀୟ ଖେଳାଳିମାନେ ଯୋଗଦେବେ । ଭାରତୀୟ ଅଲିମ୍ପିକ୍ ସଂଘ ସଭାପତି ପି.ଟି. ଉଷା ଗତକାଲି ଡେରାଡୁନ୍‌ରେ ପହଞ୍ଚିଛନ୍ତି । କ୍ରୀଡ଼ାମନ୍ତ୍ରୀ ରେଖା ଆର୍ଯ୍ୟ, ପି.ଟି. ଉଷାଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରିଥିଲେ । ଉଦ୍‌ଘାଟନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ।

ସୂଚନା ଅନୁଯାୟୀ ଉତ୍ତରାଖଣ୍ଡର ୮ଟି ଜିଲ୍ଲାର ୧୧ଟି ସହରରେ ଆସନ୍ତାମାସ ୧୪ ତାରିଖ ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ଅନୁଷ୍ଠିତ ହେବ । ମୋଟ୍ ୩୫ଟି ଖେଳର ୪୭ଟି ଇଭେଣ୍ଟ ଆୟୋଜନ କରାଯିବ । ଜାତୀୟ କ୍ରୀଡ଼ା ଉଦ୍‌ଘାଟନ ପୂର୍ବରୁ ଗତ ୨୬ ତାରିଖରେ ଏକ ଟ୍ରାଏ ଥଲନ୍ ପ୍ରତିଯୋଗିତା କରାଯାଇଥିଲା, ଯେଉଁଥିରେ ମଣିପୁର ଏବଂ ମହାରାଷ୍ଟ୍ର ପ୍ରଥମ ପଦକ ଜିତିଥିଲେ ।

---

## ଲଡ୍ଡୁ ଦୁର୍ଘଟଣା

ଉତ୍ତରପ୍ରଦେଶର ବାଗପତ୍‌ରେ ଭଗବାନ ଆଦିନାଥ ନିର୍ବାଣ ଲଡ୍ଡୁ ମହୋତ୍ସବରେ ଆଜି ଏକ ଅସ୍ଥାୟୀ ମଞ୍ଚ ଭୁଶୁଡ଼ି ପଡ଼ିବା ପରେ ଦଳାଚକଟା

ହୋଇ ୫ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଏହି ଦୁର୍ଘଟଣାରେ ୪୦ରୁ ଅଧିକ ଆହତ ହୋଇଛନ୍ତି ।

ସୂଚନା ଅନୁସାରେ, ଏହି ଧାର୍ମିକ ଉତ୍ସବରେ ଅଂଶ ଗ୍ରହଣ କରିବା ପାଇଁ ଅଧିକ ସଂଖ୍ୟାରେ ଭକ୍ତମାନେ ପ୍ଲାଟଫର୍ମ ଉପରେ ଚଢ଼ିବା ସମୟରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାର ଖବର ପାଇ ତୁରନ୍ତ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ବରୌତ ସହରର ବିଭିନ୍ନ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇଥିବା ବାଗପତ୍ ଜିଲ୍ଲା ମାଜିଷ୍ଟ୍ରେଟ୍ ଅସ୍ମିତା ଲାଲ୍ ସୂଚନା ଦେଇଛନ୍ତି ।

## ଲଜପତ ରାୟ ବାର୍ଥ ଆନିଭରସାରି

ସାରା ଦେଶରେ ଆଜି ଲାଲ ଲଜପତ ରାୟଙ୍କ ୧୬୦ତମ ଜୟନ୍ତୀ ପାଳିତ ହେଉଛି । ୧୮୬୫ ମସିହା ଆଜିର ଦିନରେ ସ୍ୱଦେଶୀ ଆନ୍ଦୋଳନର ଅଗ୍ରଧାର ଲାଲା ଲଜପତ ରାୟ ପଞ୍ଜାବ ପ୍ରଦେଶର ତତ୍କାଳୀନ ଫରିଦ୍‌କୋର୍ଟ୍ ଜିଲ୍ଲାର ଧୁଡ଼ିକେ ଠାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତା ମୁନସୀ ରାଧାକ୍ରିଷ୍ଣ ଜଣେ ସରକାରୀ ବିଦ୍ୟାଳୟର ଶିକ୍ଷକ ଥିଲେ । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପଞ୍ଜାବ କେଶରୀ ଲାଲା ଲଜପତ ରାୟଙ୍କ ଉପରେ ୧୯୨୮ ମସିହା ଅକ୍ଟୋବର ମାସରେ ପୁଲିସ୍ ଲାଠି ମାଡ଼ କରିଥିଲା । ମୁଣ୍ଡରେ ଗଭୀର ଆଘାତ ଲାଗିବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିଲା ।

## ଟିଏନ୍- ଫିସରମ୍ୟାନ୍

ସାମୁଦ୍ରିକ ସୀମା ପାର କରିବା ଅଭିଯୋଗରେ ଶ୍ରୀଲଙ୍କା ନୌସେନା କରାଇକାଲ୍, ନାଗାପଟିନମ୍ ଏବଂ ମାଇଲାଦୁଥୁରାଇରୁ ୧୩ ଜଣ ତାମିଲନାଡୁ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି । ସାମୁଦ୍ରିକ ସୀମାରେ ମାଛ ଧରୁଥିବା ବେଳେ ଶ୍ରୀଲଙ୍କା ନୌସେନା ପକ୍ଷରୁ ଗୁଳି ଚାଳନା କରାଯାଇଥିଲା । ଏଥିରେ ୨ ଜଣ ମତ୍ସ୍ୟଜୀବୀ ଆହତ ହୋଇଛନ୍ତି। ସେମାନଙ୍କୁ ଜାଫ୍‌ନା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗିରଫଦାରି ଓ ଗୁଳିକାଣ୍ଡ ଘଟଣାର ପ୍ରତିବାଦରେ ମତ୍ସ୍ୟଜୀବୀ ଗ୍ରାମ ଗୁଡ଼ିକରେ ବିରୋଧ ପ୍ରଦର୍ଶନ କରାଯାଇଛି । ଶ୍ରୀଲଙ୍କା ନୌସେନା କର୍ତ୍ତୃପକ୍ଷ ଘଟଣାରେ ହସ୍ତକ୍ଷେପ କରି ଗିରଫ ମତ୍ସ୍ୟଜୀବୀଙ୍କୁ ମୁକ୍ତି କରିବା ପାଇଁ ମତ୍ସ୍ୟଜୀବୀଙ୍କ ପରିବାର ପକ୍ଷରୁ ଦାବି କରାଯାଇଛି ।

---

## ମହାକୁମ୍ଭ-ହେଲ୍‌ଥ କେୟାର୍

ପ୍ରୟାଗରାଜ ମହାକୁମ୍ଭରେ ଆସନ୍ତାକାଲି ମୌନି ଅମାବାସ୍ୟାକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ନିମନ୍ତେ ଦୃଢ଼ ସ୍ୱାସ୍ଥ୍ୟ ବ୍ୟବସ୍ଥା କରାଯାଇଛି । ଯେକୌଣସି ସ୍ୱାସ୍ଥ୍ୟ ସମ୍ପର୍କିତ ପରିସ୍ଥିତିର ମୁକାବିଲା ପାଇଁ ପରେଡ୍ ଗ୍ରାଉଣ୍ଡରେ ଥିବା କେନ୍ଦ୍ରୀୟ ଡାକ୍ତରଖାନା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ପ୍ରୟାଗରାଜ ମେଳାରେ ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣ କରିବା ପାଇଁ ପରେଡ୍ ଗ୍ରାଉଣ୍ଡରେ ୧୦୦ ଶଯ୍ୟା ବିଶିଷ୍ଟ କେନ୍ଦ୍ରୀୟ ଡାକ୍ତରଖାନା ସ୍ଥାପନ କରାଯାଇଛି । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯେକୌଣସି ସମସ୍ୟାର ସମାଧାନ ପାଇଁ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନିୟୋଜିତ କରାଯାଇଛି । ମୌନି ଅମାବାସ୍ୟା ଦୃଷ୍ଟିରୁ ଡାକ୍ତର ଓ ଆମ୍ବୁଲାନ୍ସ ସଂଖ୍ୟା ବୃଦ୍ଧି କରାଯାଇଥିବା କେନ୍ଦ୍ରୀୟ ଡାକ୍ତରଖାନାର ନୋଡାଲ୍ ଅଧିକାରୀ ଡାକ୍ତର ଗୌରବ ଦୁବେ କହିଛନ୍ତି ।

ସୂଚନା ଅନୁଯାୟୀ ୨୦ଟି ଓ.ପି.ଡି. କେନ୍ଦ୍ରରେ ୮୦ ଜଣ ଆୟୁଷ ଡାକ୍ତରଙ୍କ ଟିମ୍ ୨୪ ଘଣ୍ଟିଆ ନିଶୁଳ୍କ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି ।

## ଦିଲ୍ଲୀ-କ୍ୟାମ୍ପେନ୍

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଦିନ ପାଖେଇ ଆସୁଥିବା ବେଳେ ପ୍ରଚାର କାର୍ଯ୍ୟ ଜୋରସୋର୍‌ରେ ଚାଲିଛି । ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ପାଇଁ ବିଜେପି, ଆମ୍ ଆଦମୀ ପାର୍ଟି ଏବଂ କଂଗ୍ରେସର ତାରକା ପ୍ରଚାରକମାନେ ଜନସଭା, ର୍‍ୟାଲି ମାଧ୍ୟମରେ ଭୋଟରମାନଙ୍କୁ ଦଳୀୟ ପ୍ରାର୍ଥୀଙ୍କ ଆଡ଼କୁ ଆକୃଷ୍ଟ କରିବା ଲାଗି ଉଦ୍ୟମ କରୁଛନ୍ତି । ରାଜନୈତିକ ଦଳଗୁଡ଼ିକର କର୍ମୀମାନେ ଘରକୁ ଘର ବୁଲି ପ୍ରଚାର କରିବା ଆରମ୍ଭ କରିଛନ୍ତି ।

ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଆଜି ବାଦରପୁର ଏବଂ କସ୍ତୁରବାନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ରୋଡ୍‌ଶୋ’ କରିବାର କାର୍ଯ୍ୟକ୍ରମ ରହିଛି । ସେ କାଲ୍‌କାଜିରେ ଜନସଭାକୁ ସମ୍ବୋଧନ କରିବେ । ଆଜି ବିଜେପି ପକ୍ଷରୁ ନିର୍ବାଚନ ପ୍ରଚାର ନିମନ୍ତେ ସାଂସଦ ମନୋଜ ତିୱାରୀ ଗାଇଥିବା ଏକ ଗୀତ ବ୍ୟବହାର କରାଯାଉଛି । ଏଥିରେ ବିଜେପି ପକ୍ଷରୁ ନିର୍ବାଚନୀ ଇସ୍ତାହାରକୁ ସ୍ଥାନିତ କରାଯାଇଛି । ଅନ୍ୟପକ୍ଷରେ ଆମ୍ ଆଦମୀ ପାର୍ଟି ରାଷ୍ଟ୍ରୀୟ ଆବାହକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଆଜି ସନ୍ଧ୍ୟାରେ ଘୋଣ୍ଡା ଏବଂ କରୱାଲ୍ ନଗରଠାରେ ଜନସଭା କରିବେ । ଦଳର ବରିଷ୍ଠ ନେତା ତଥା ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ମଧ୍ୟ ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ରୋଡ୍‌ଶୋ’ ଓ ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

କଂଗ୍ରେସ ପକ୍ଷରୁ ପ୍ରଚାର କାର୍ଯ୍ୟ ଆରମ୍ଭ କରାଯିବା ପୂର୍ବରୁ ଆଜି ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧୀ ବାଲ୍ମିକୀ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି । ଶ୍ରୀ ଗାନ୍ଧୀ ଆଜି ସନ୍ଧ୍ୟାରେ ପତପରଗଞ୍ଜ ଏବଂ ଓଖ୍‌ଲା ନିର୍ବାଚନ ମଣ୍ଡଳୀରେ ର୍‍ୟାଲି କରିବେ । ଦଳ ପକ୍ଷରୁ ସଚିନ ପାଇଲଟ୍ ମଧ୍ୟ ଆଜି ପ୍ରଚାର କରିବେ ବୋଲି ଜଣାପଡ଼ିଛି । ଆସନ୍ତାମାସ ୫ ତାରିଖରେ ଦିଲ୍ଲୀ ବିଧାନସଭା ପାଇଁ ଭୋଟ୍ ଗ୍ରହଣ ହେବ ଓ ୮ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ।

---

## ଇଣ୍ଡିଆ-ଓମାନ

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ୍ ତାଙ୍କ ଓମାନ ପ୍ରତିପକ୍ଷ କୈସ୍ ବିନ୍ ମହମ୍ମଦ ଅଲ୍ ୟୁସୁଫ୍‌ଙ୍କ ସହ ବୈଠକ କରିଛନ୍ତି । ଓମାନ୍ ଗସ୍ତରେ ଥିବା ମନ୍ତ୍ରୀ ଶ୍ରୀ ଗୋୟଲ୍ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ନିବେଶକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଆଗାମୀ ଯୁଗ୍ମ ଆୟୋଗ ବୈଠକରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଆହୁରି ତ୍ୱରାନ୍ୱିତ ହେବ ବୋଲି ଶ୍ରୀ ଗୋୟଲ କହିଛନ୍ତି ।

ମସ୍କଟ୍ ସ୍ଥିତ ଭାରତୀୟ ଦୂତାବାସରେ ପାଳିତ ହୋଇଥିବା ୭୬ତମ ସାଧାରଣତନ୍ତ୍ର ଦିବସ ସମାରୋହରେ ମନ୍ତ୍ରୀ ଶ୍ରୀ ଗୋୟଲ୍ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଓମାନର ବାଣିଜ୍ୟ ମନ୍ତ୍ରୀ, ଅନ୍ୟ ବିଶିଷ୍ଟ ବ୍ୟକ୍ତି ଓ ପ୍ରବାସୀ ଭାରତୀୟମାନେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପ୍ରଦର୍ଶନ କରାଯାଇଥିଲା ।

ମନ୍ତ୍ରୀ ଶ୍ରୀ ଗୋୟଲ୍ ୧୧ତମ ଯୁଗ୍ମ ବୈଠକ ପାଇଁ ଓମାନ ପ୍ରତିପକ୍ଷଙ୍କ ସହ ମସ୍କଟ୍‌ରେ ଅଛନ୍ତି । ଉପସାଗରୀୟ ସହଯୋଗ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଓମାନ ସହିତ ବାଣିଜ୍ୟ ଓ ନିବେଶ ବୃଦ୍ଧି ପାଇଁ ଭାରତର ପ୍ରତିବଦ୍ଧତା ପ୍ରକାଶ ପାଇଛି ।

---

## କ୍ରିକେଟ୍

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ତୃତୀୟ ଟି-ଟ୍ୱେଣ୍ଟି କ୍ରିକେଟ୍ ମ୍ୟାଚ୍ ଆଜି ଗୁଜରାଟର ରାଜକୋଟ୍ ସ୍ଥିତ ନିରଞ୍ଜନ ଶାହା ଷ୍ଟାଡିୟମ୍‌ରେ ଖେଳାଯିବ । ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ୨-୦ରେ ଆଗୁଆ ରହିଛି ।

ଆଇସିସି ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍‌ରେ କ୍ୱାଲାଲାମ୍ପୁରର ବୟୁମାସ ଓଭାଲ୍ ଷ୍ଟାଡିୟମରେ ଭାରତ ଓ ସ୍କଟଲ୍ୟାଣ୍ଡ ମଧ୍ୟରେ ମ୍ୟାଚ୍ ଚାଲିଛି । ପ୍ରଥମେ ବ୍ୟାଟିଂ କରି ଭାରତ ୨୦ ଓଭରରେ ୧ ୱିକେଟ୍ ବିନିମୟରେ ୨୦୮ ରନ୍ କରିଛି ।

କୋଲକାତାରେ ଖେଳାଯାଇଥିବା ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୭ ୱିକେଟ୍‌ରେ ଇଂଲଣ୍ଡକୁ ପରାସ୍ତ କରିଥିଲା । ସେହିଭଳି ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଦ୍ୱିତୀୟ ଟି-ଟ୍ୱେଣ୍ଟିରେ ଭାରତ ଦୁଇ ୱିକେଟ୍‌ରେ ବିଜୟ ଲାଭ କରିଥିଲା ।

---

# ହକି

ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗରେ ଆଜି ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ରେ ଟିମ୍ ଗୋନାସିକା ଓ ହାଇଦ୍ରାବାଦ୍ ତୁଫାନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ରାତି ୮ଟା ୧୫ ମିନିଟ୍‌ରେ ଏହି ମ୍ୟାଚ୍ ଖେଳାଯିବ ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ସୁରମା ହକି କ୍ଲବ୍ ୫-୩ ଗୋଲ୍‌ରେ କଳିଙ୍ଗ ଲାନ୍ସର୍ସ୍‌କୁ ପରାସ୍ତ କରିଥିଲା । ଅନ୍ୟ ଏକ ମ୍ୟାଚ୍‌ରେ ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ୍ ୨-୧ ଗୋଲ୍‌ରେ ଦିଲ୍ଲୀ ଏସ୍.ଜି. ପାଇପର୍ସ୍‌କୁ ପରାସ୍ତ କରିଥିଲା ।